**୮) ରୋଗ ପୋକ ପରିଚାଳନା:-** କମ୍ ବୟସର ତଳି ସଅଳ ରୁଆ, ଜୈବିକ ଖାଦ୍ୟ ସାର ନିର୍ଦ୍ଦିଷ୍ଟ ବ୍ୟବଧାନରେ ରୁଆ ଯାଉଥିବାରୁ ଶ୍ରୀପ୍ରଣାଳୀରେ ରୋଗ ପୋକ କମ୍ ଦେଖାଯାଇଥାଏ । ରୋଗ ପୋକ ନିୟନ୍ତ୍ରଣ ପାଇଁ ପଞ୍ଚ ଗବ୍ୟ, ହାଣ୍ଡିଖତ, ନିରୋଗା ଖତ, ଅମୃତ ଜଳ ପ୍ରୟୋଗ କରିବା ଉଚିତ୍ ।

**୯) ହାଣ୍ଡି ଔଷଧ ପ୍ରସ୍ତୁତି ପ୍ରଣାଳୀ:-** ଗୋଟିଏ ମାଟି ହାଣ୍ଡି ନେଇ ସଜ ଗାଈ ଗୋବର ଏକ କେଜି, ଦେଶୀ ଗୋ ମୁତ୍ର ୩ ଲିଟର, ଗୁଡ ୫୦ ଗ୍ରାମ ପକାଇ ମିଶ୍ରଣ ତିଆରି କରନ୍ତୁ । ନିମ, କରଞ୍ଜ, ଅରଖ, ପୋକଶୁଙ୍ଘା ପତ୍ରରୁ ଏକ କେଜି ପରିମାଣର ପତ୍ରକୁ କାଟି ହାଣ୍ଡିରେ ମିଶାଇ ଦିଅନ୍ତୁ । ହାଣ୍ଡିର ମୁହଁ ବାନ୍ଧି ୭ ଦିନ ପର୍ଯ୍ୟନ୍ତ ଛାଇରେ ରଖନ୍ତୁ । ୭ ଦିନ ପରେ ଯେଉଁ ରସ ବାହାରିବ ସେଥିରେ ୪୦ ରୁ ୫୦ ଗୁଣ ପାଣି ମିଶାଇ ଫସଲରେ ଛିଞ୍ଚି ଦିଅନ୍ତୁ । ହାଣ୍ଡିରେ ଯେଉଁ ପତ୍ର ପ୍ରଭୃତି ରହିଗଲା ସେଥିରେ ଗୋମୂତ୍ର ମିଶାଇ ୭ ଦିନ ଅନ୍ତରରେ ରସ ବାହାର କରନ୍ତୁ । ଶ୍ରୀ କ୍ଷେତରେ ପ୍ରୟୋଗ କରନ୍ତୁ ।

**୧୦) ଶ୍ରୀପ୍ରଣାଳୀରେ ବିଶେଷତ୍ୱ:-** (୧) ଧାନ ଓ ନଡା ଅଧିକ ଅମଳ ହୁଏ । (୨) ଫସଲ ଅବଧି ପ୍ରାୟ ୧୦ ଦିନ କମିଯାଏ । (୩) କମ୍ ଜଳ ଆବଶ୍ୟକ ହୋଇଥାଏ । (୪) କମ୍ ସଂଖ୍ୟକ ଅଗାଡି ଆସିଥାଏ । (୫) ଅଣୁ ଜୀବ ମାନଙ୍କ କାର୍ଯ୍ୟ କାରିତା ବୃଦ୍ଧି ଯୋଗୁଁ ମା ମାଟିର ସାସ୍ଥ୍ୟର ଉନ୍ନତି ଘଟିଥାଏ ।

**୧୧) ଶ୍ରୀ ପଦ୍ଧତିରେ କଣ କରିବେ:-** (୧) ସୁସ୍ଥ ତଳି ପାଇଁ ଉପଯୁକ୍ତ କିସମ ବା ଶଙ୍କର ଜାତୀୟ ଗୁଣାତ୍ମକ ବିହନ ବ୍ୟବହାର କରନ୍ତୁ । (୨) ଜଳ ସେଚନ ଓ ଜଳ ନିଷ୍କାସନ ବ୍ୟବସ୍ଥା ଥିବା ଜମିରେ ଶ୍ରୀ ପଦ୍ଧତି ଅବଲମ୍ବନ କରନ୍ତୁ । (୩) ଯଥା ସମ୍ଭବ ଜୈବିକ ଖତ ବ୍ୟବହାର କରନ୍ତୁ । (୪) ବାୟୁ ଚଳାଚଳ ସୁବିଧା ପାଇଁ କନୋଉଇଡର ବ୍ୟବହାର କରନ୍ତୁ ।

**୧୨) ଶ୍ରୀପଦ୍ଧତିରେ କଣ କରିବେ ନାହିଁ:-** ସମତୁଲ ନଥିବା ଜମିରେ ଶ୍ରୀ ପ୍ରଣାଳୀରେ ଧାନ ଚାଷ କରନ୍ତୁ ନାହିଁ । ଅଧିକ ବୃଷ୍ଟିପାତ ଅଂଚଳ, ଖାଲୁଆ ଜମି ଓ ଲୁଣି ଜମିରେ ଏହି ପଦ୍ଧତି ଅବଲମ୍ବନ କରନ୍ତୁ ନାହିଁ ।

" ଶ୍ରୀ ପଦ୍ଧତିରେ କଲେ ଚାଷ
ଚାଷୀ ମନରେ ଆଣି ଦିଏ ହସ ଉଲ୍ଲାସ
ଚାଷୀ ଘରେ ଲକ୍ଷ୍ମୀ କରନ୍ତି ବାସ ।"

**ଶ୍ରୀ ପଦ୍ଧତି ଚାଷ ସମ୍ବନ୍ଧରେ ସଚେତନତା ସୃଷ୍ଟି କରିବା କ୍ଷେତ୍ରରେ ଆମେ ପ୍ରଚାର ପତ୍ରଟି ପ୍ରକାଶ କରିଛୁ । ଏହି ପ୍ରଚାର ପତ୍ର ଟି ଚାଷୀ ଭାଇ ମାନଙ୍କ ଭିତରେ ଆଦୃତ ହୋଇ ପାରିଲେ ତଥା ଏହି ପଦ୍ଧତିକୁ ଅବଲମ୍ବନ କଲେ ଆମର ଶ୍ରମ ସାର୍ଥକ ହେବ ।**


# ସୋସିଆଲ ଡେଭେଲପ୍‌ମେଣ୍ଟ ଫାଉଣ୍ଡେସନ୍

ବହ୍ଲର ଛକ, ତାଳଚେର, ଅନୁଗୋଳ, ଓଡ଼ିଶା

ଦୂରଭାଷ : ୯୪୩୭୯୦୪୧୦୮, ୯୪୩୭୬୨୩୦୦୨

# ଶ୍ରୀ ପ୍ରଣାଳୀରେ ଧାନ ଚାଷ

ଓଡ଼ିଶା ଏକ କୃଷି ପ୍ରଧାନ ରାଜ୍ୟ । ଧାନ ହେଉଛି ଏହି ରାଜ୍ୟର ମୁଖ୍ୟ ଖରିଫ୍ ଫସଲ । ଆମ ରାଜ୍ୟରେ ୭୦ ଭାଗ ଲୋକ କୃଷିକୁ ଜୀବିକା କରି ଜୀବନ ନିର୍ବାହ କରିଥାନ୍ତି । ପାରମ୍ପାରିକ ଚାଷ ପରିବର୍ତ୍ତେ ଶ୍ରୀପଦ୍ଧତି ବା ସଘନ ପ୍ରଣାଳୀରେ ଚାଷ କଲେ ୨୫ ଭାଗ ଅଧିକ ଅମଳ ମିଳିଥାଏ । ସମଗ୍ର ରାଜ୍ୟରେ ଶ୍ରୀପ୍ରଣାଳୀରେ ଧାନ ଚାଷ କରିବା ପାଇଁ ଚାଷୀ ଭାଇ ମାନଙ୍କୁ ପ୍ରବର୍ତ୍ତା ଯାଉଛି । ପାରମ୍ପାରିକ ଚାଷ ଅପେକ୍ଷା ଶ୍ରୀପ୍ରଣାଳୀରେ ଅପେକ୍ଷାକୃତ କମ୍ ରୋଗ ପୋକ ଦେଖା ଯିବା ସହ ଫସଲ ଉତ୍ପାଦନରେ ଯଥେଷ୍ଟ ବୃଦ୍ଧି ଘଟିଥାଏ । ଏହି ପ୍ରଣାଳୀରେ ଚାଷ କରିବାକୁ ହେଲେ କେତେ ଗୁଡିଏ ନିର୍ଦ୍ଦିଷ୍ଟ ନିୟମାବଳୀ ଅନୁଧାନ କରିବା!କୁ ପଡିଥାଏ । ନିମ୍ନ ଲିଖିତ ପ୍ରଣାଳୀ ଗୁଡିକ ହେଲା:-

**୧) ବିହନ :-** ସଘନ ପ୍ରଣାଳୀ ବା ଶ୍ରୀପଦ୍ଧତିରେ ଚାଷ ପାଇଁ ଏକ ଏକର ପିଛା ଦୁଇ କେଜି ବିହନ ଏବଂ ଏକ ହେକ୍ଟର ପିଛା ୫ କେଜି ବିହନ ଆବଶ୍ୟକ ହୋଇଥାଏ ।

**୨) ବିଶୋଧନ:-** ତଳି ପକାଇବା ପୂର୍ବରୁ ବିହନ ବିଶୋଧନ ଅତ୍ୟନ୍ତ ଆବଶ୍ୟକ । ଏହି ବିହନ ବିଶୋଧନ ଦ୍ୱାରା ରୋଗ ପୋକ ନିୟନ୍ତ୍ରଣ ହେବା ସହ ସୁସ୍ଥ ସବଳ ଚାରା ପ୍ରସ୍ତୁତ ହୋଇଥାଏ ।

ବିହନକୁ ଗୋମୂତ୍ର ମିଶା ପାଣିରେ ୭/୮ ଘଣ୍ଟା ଭିଜାଇ ଦିଅନ୍ତୁ । ତା ପରେ ପାଣିରୁ ଛାଣି ଛାଇରେ ୪/୫ ଘଣ୍ଟା ପର୍ଯ୍ୟନ୍ତ ଶୁଖାଇ ଦିଅନ୍ତୁ । କୌଣସି ପରିସ୍ଥିତିରେ ବିହନକୁ ଗଜା ବା ଗାଲି ଫାଟିବାକୁ ଦେବେ ନାହିଁ ।

**୩) ପଟାଳୀ ପ୍ରସ୍ତୁତି :-** ଏକ ମିଟର ଓସାର ପଟି ପ୍ରସ୍ତୁତ କରନ୍ତୁ ଏବଂ ଏହା ଉପରେ ଏକ ଇଞ୍ଚ ବହଳର ଗୁଣ୍ଡ ଖତ ବିଂଚି ଦିଅନ୍ତୁ । ଗାଲି ଗଜା ହୋଇଥିବା ଧାନକୁ ପଟି ଉପରେ ପତଳା କରି ବୁଣନ୍ତୁ । ବୁଣି ସାରିଲା ପରେ ପୁଣି ଗୁଣ୍ଡ ଖତର ଆସ୍ତରଣ ଦେଇ ତା ଉପରେ ନଡା ଘୋଡାଇ ଦେବେ ଏବଂ ଦୁଇ ଦିନ ପରେ ଉଠାଇବେ । ପଟି ଉପରେ ଝରାରେ ପାଣି ଦିଅନ୍ତୁ ଯେପରି ଓଦା ରହିବ ।

**୪) ମୁଖ୍ୟ ଜମି ପ୍ରସ୍ତୁତି :-** ମୁଖ୍ୟ ଜମିରେ ଧଣିଚା ସବୁଜ ସାର ଚାଷ କରନ୍ତୁ । ଦେଢ଼ ମାସର ଧଣିଚା ଗଛକୁ କାଦୁଅ କରି ମାଟିରେ ମିଶାଇ ଦିଅନ୍ତୁ । ମଇ ମାଧ୍ୟମରେ ଜମିକୁ ସମତୁଲ କରନ୍ତୁ । ଦୁଇ ମିଟର ଓସାରର ପଟି କରନ୍ତୁ । ପଟି ମଧ୍ୟରେ ଏକ ଫୁଟ ନାଳି ରଖନ୍ତୁ । ପଟି ଉପରେ ଖତ / କମ୍ପୋଷ୍ଟ / ପିଡିଆ ପ୍ରଭୃତି ପ୍ରୟୋଗ କରନ୍ତୁ ।

**୫) ତଳି ପଟିରୁ ତଳି ଅଣା ଓ ରୁଆ:-** ତଳି ଗୁଡିକ ଗଜା ହେବା ପରେ ଏକ ସପ୍ତାହରୁ ଦୁଇ ସପ୍ତାହ ଅନ୍ତର (୮-୧୨) ଦିନ ଭିତରେ ରୁଆ ହେବା ପାଇଁ ପ୍ରକୃଷ୍ଟ ସମୟ । ନଚେତ୍ ଅମଳ ହ୍ରାସ ପାଇବା ସମ୍ଭାବନା ଥାଏ । ତଳି ଉତାରିବାର ଅଧଘଣ୍ଟା ଭିତରେ ରୁଇବା ଆବଶ୍ୟକ ।

- ଶ୍ରୀପଦ୍ଧତିରେ ଧାଡିକୁ ଧାଡି ଦଶ ଇଞ୍ଚ ଓ ଗଛକୁ ଗଛ ଦଶ ଇଞ୍ଚ ବ୍ୟବଧାନ ରହିବା ଉଚିତ୍ ।
- ଚିହ୍ନ ଦେବା ପାଇଁ ସୂଚକର ଆବଶ୍ୟକତା ହୋଇଥାଏ । ଏଥିପାଇଁ ଆଠ ଧାଡିଆ ଲୁହା ଚିହ୍ନଟ ଯନ୍ତ୍ର ବ୍ୟବହାର କରାଯାଇଥାଏ ।

**୬) ଜଳ ପରିଚାଳନା:-** ଶ୍ରୀପ୍ରଣାଳୀରେ ଧାନ ଚାଷ କିଆରିରେ ଠିଆ ପାରି ରଖାଯାଏ ନାହିଁ । କେବଳ ଜମି ଓଦା ରହିଲେ ଭଲ । ପଟି ଉପରେ ପାଣି ନରଖି ନାଳିରେ ପାଣି ରଖିଲେ ପଟି ଓଦା ରହିଥାଏ ।

**୭) ଘାସ ନିୟନ୍ତ୍ରଣ:-** ତଳି ରୁଇବାର ୧୦, ୨୦, ୩୦, ୪୦ ଦିନରେ ଥରେ ଲେଖାଏଁ ଘାସ ବଛା ଯନ୍ତ୍ର ଦ୍ୱାରା ଘାସ ବଛା ଯିବା ଉଚିତ୍ । ଏହା ଦ୍ୱାରା ମାଟି ହାଲୁକା ହେବା ସହ ବାୟୁ ଚଳାଚଳ ସହଜ ହୋଇଥାଏ । ପିଲ ଅଧିକ ଆସିଥାଏ ।